Edited by Foxit Reader
Copyright(C) by Foxit Software Company,2005-2006
For Evaluation Only.

DHARITRI.COM

Vol VIII Issue No.83 Sunday, 25 March 2007






home || next

# କେନ୍ଦ୍ରର ଉପେକ୍ଷା ବିରୋଧରେ ସ୍ୱର

Click to enlarge text: A A A A

ଆକର୍ଷଣ କରିଥିଲେ । ଲୋକସଭାରେ ବିଜେଡି ପକ୍ଷରୁ ଭର୍ତ୍ତୃହରି ମହତାବ ଏବଂ ଭାଜପା ଏମ.ପି. ଧର୍ମେନ୍ଦ୍ର ପ୍ରଧାନ ଏହି ଆଲୋଚନାରେ ଭାଗ ନେଇଥିଲେ । ଧରିତ୍ରୀକୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ ତାଙ୍କ ଭାଷଣରେ କହିଥିଲେ ଯେ, ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଦିଲ୍ଲୀରେ ଶିକ୍ଷା ଉପରେ ମୁଣ୍ଡ ପିଛା ୧୮୩ ଟଙ୍କା, ପଶ୍ଚିମବଙ୍ଗରେ ୪୧ ଟଙ୍କା, କର୍ଣ୍ଣାଟକରେ ୩୩ ଟଙ୍କା ଏବଂ ପଞ୍ଜାବରେ ୩୩ ଟଙ୍କା ଖର୍ଚ୍ଚ ହେବ ବୋଲି ସ୍ଥିର କରାଯାଇଥିବା ବେଳେ ଓଡ଼ିଶାରେ ମାତ୍ର ୪ଟଙ୍କା ୬୦ ପଇସା ଖର୍ଚ୍ଚ ହେବ । ଏଥିରୁ ସ୍ପଷ୍ଟ ହେଉଛି ଯେ ଉପା ସରକାର ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପ୍ରତି ଭେଦଭାବ ମନୋବୃତ୍ତି ପୋଷଣ କରୁଛନ୍ତି । ସେ କହିଥିଲେ ଯେ, ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ମହମ୍ମଦ ଫାତମୀ ଭୁବନେଶ୍ୱରଠାରେ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଏକ ଆଇଆଇଟି ସ୍ଥାପନ କରାଯିବାକୁ ପାଟନାଠାରେ ଘୋଷଣା କରିଥିବା ବେଳେ ଏହାକୁ କାହିଁକି ପାଳନ କରାଗଲା ନାହିଁ ବୋଲି ସେ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ । ଶ୍ରୀ ପ୍ରଧାନ ମଧ୍ୟ ରେଳବଜେଟ୍ ଚର୍ଚ୍ଚାରେ ତାଙ୍କର ଲିଖିତ ଭାଷଣ ଉପସ୍ଥାପନ କରି ତାଳଚେର/ଅନୁଗୋଳ ଓ ହାଓଡା ମଧ୍ୟରେ ମା' ହିଙ୍ଗୁଳା ଏକ୍ସପ୍ରେସ ଚଳାଇବା ପାଇଁ ମଧ୍ୟ ଦାବି କରିଥିଲେ । ଏହାଛଡା ବିଜେଡି ଏମ୍.ପି. ତଥାଗତ ସତପଥୀ ମଧ୍ୟ ଲୋକସଭାରେ କ୍ରୀଡା ପ୍ରସାରଣ ବିଲ୍ ୨୦୦୭ ଆଲୋଚନାରେ ଭାଗ ନେଇଥିଲେ । ସାଧାରଣ ଓ ରେଳ ବଜେଟ୍ ଚର୍ଚ୍ଚାରେ କେତେଜଣ ଏମ୍.ପି. ଲୋକସଭାରେ ସେମାନଙ୍କର ଲିଖିତ ଭାଷଣ ଉପସ୍ଥାପନ କରିଥିଲେ । ଶୂନ୍ୟକାଳରେ ଲୋକସଭାରେ ବିଜେଡି ଏମ୍.ପି. ଅର୍ଚ୍ଚନା ନାୟକ ଏବଂ ରାଜ୍ୟସଭାରେ ରୁଦ୍ର ନାରାୟଣ ପାଣି ସ୍ୱତନ୍ତ୍ର ଉଦ୍‌ଥାପନ ମାଧ୍ୟମରେ ଆଇଆଇଟି ସ୍ଥାପନ ନେଇ ସରକାରଙ୍କର ଧ୍ୟାନ ଆକର୍ଷଣ କରିଥିଲେ । ବଜେଟ୍ ଅଧିବେଶନର ପ୍ରାରମ୍ଭରେ ବିଜେଡି-ଭାଜପା ଏମ୍.ପି.ମାନେ ପାର୍ଲାମେଂଟ ଭବନର ମୁଖ୍ୟ ଦ୍ୱାର ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଉପା ସରକାର କୋଇଲା ରୟାଲଟି ବୃଦ୍ଧି ନେଇ ନିଷ୍ପତ୍ତି ନେବାକୁ ବିଳମ୍ବ କରୁଥିବାରୁ ପ୍ରତିବାଦ କରି ଧାରଣା ଦେଇଥିଲେ । ଏଥର ମଧ୍ୟ ରାଜ୍ୟସଭାରେ ଉପା

home || next

**New York Times Newspaper**
Stay Informed! Fast & Easy Delivery NY Times for as low as $3.15/Week
www.nytimes.com

**More Rupees per Dollar**
Get the most out of your dollars Remit funds to India online!
www.remit2india.com

**ABN AMRO NRI Investment**
Services By Certified Relationship Manager. Hurry, Special offer!
www.abnamro.co.in

**Birthday Newspaper**
For any year. Framed & Personalized Facts, prices, songs, movies.
www.overthehillgifts.com

Ads by Goooooogle Advertise on this site

©2004 Dharitri All Rights Reserved.

Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.